# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ : ସୁନ୍ଦରଗଡ଼

## ବିଜ୍ଞାପନ

ସଂଖ୍ୟା: ୧୮୫୦ ତାରିଖ: ୦୪.୧୦.୧୯

## ଅବସର ପ୍ରାପ୍ତ ରାଜସ୍ୱ ନିରୀକ୍ଷକ ,ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନ ପଦବୀ ପାଇଁ ପୁନଃନିଯୁକ୍ତି ସମ୍ବନ୍ଧେ।

ଏତଦ୍ୱାରା ସମସ୍ତ ଅବସର ପ୍ରାପ୍ତ ରାଜସ୍ୱ ନିରୀକ୍ଷକ(RI) ,ସହକାରୀ ରାଜସ୍ୱ ନିରୀକ୍ଷକ (ARI ) ଓ ଅମିନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାରଙ୍କ ପତ୍ର ସଂଖ୍ୟା ୨୬୨୨୦,ତା. ୦୪-୦୯-୨୦୧୯ ଅନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ତହସିଲ କର୍ଯ୍ୟାଳୟ ମାନଙ୍କରେ ଖାଲିଥିବା ଉପରୋକ୍ତ ପଦବୀ ମାନଙ୍କ ସକାଶେ , ୬ ମାସ କିମ୍ବା ସରକାରଙ୍କ ଦ୍ୱାରା ନିୟମିତ ପଦବୀ ପୂରଣ ହେବ ପର୍ଯନ୍ତ, ଚୁକ୍ତି ଭିତ୍ତିକ ପୁନଃନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ସାଧାରଣ ଓ ପ୍ରଶାସନ ବିଭାଗ, ଓଡିଶା ସରକାରଙ୍କଦ୍ୱାରା ଜାରି କରାଯାଇଥିବା ଗେଜେଟ ନୋଟିଫିକେଶନ ସଂଖ୍ୟା. ୨୩୭୫୦/GAD,ତା.୨୭.୦୮.୨୦୧୪ ର ସମସ୍ତ ସର୍ତ୍ତାବଳୀ ଅନୁସାରେ, ଏହିସବୁ ପଦବୀ ପୂରଣ ନିମନ୍ତେ ଆବେଦନକାରୀ ସରକାରୀ କାର୍ଯଲୟରୁ ଅବସର ଗ୍ରହଣ କରିଥିବେ ଏବଂ ୩୧.୧୨.୨୦୧୯ ସୁଦ୍ଧା ତାଙ୍କୁ ୬୫ ବର୍ଷରୁ ଉର୍ଦ୍ଧ ହୋଇନଥିବ, ତଥା କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନଥିବ । ଏତଦବ୍ୟତିତ ଯଦି କୌଣସି ଆବେଦନକାରୀଙ୍କ ନାମରେ "Departmental proceeding / Criminal case ଥିବ କିମ୍ବା ପାଞ୍ଚବର୍ଷ ମଧରେ ସରକାରୀ କାର୍ଯରେ ଅବହେଳା ହେତୁ ଦଣ୍ଡିତ ହୋଇଥିବେ, ତା ହେଲେ ସେମାନେ ଉକ୍ତ ପଦବୀ ପାଇଁ ଆବେଦନ କରିପାରିବେ ନାହିଁ । ଏହିସବୁ ପଦବୀ ପୂରଣ ପାଇଁ ସ୍ଥାନୀୟ ଆବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯିବ । ଯଦି ସ୍ଥାନୀୟ/ ଆଞ୍ଚିଳିକ ପ୍ରାର୍ଥୀ ନ ମିଳନ୍ତି, ତେବେ ଅନ୍ୟ ଜିଲ୍ଲାରୁ ଆସିଥିବା ଆବେଦନ ସବୁ ବିଚାରକୁ ନିଆଯିବ ।

| କ୍ର.ସଂ | ପଦବୀ | ଖାଲିଥିବା ପଦବୀ ସଂଖ୍ୟା | ମାସିକ ପାରିଶ୍ରମିକ |
|---|---|---|---|
| ୧ | ରାଜସ୍ୱ ନିରୀକ୍ଷକ | ୨୭ | ୧୩୦୦୦/- |
| ୨ | ସହକାରୀ ରାଜସ୍ୱ ନିରୀକ୍ଷକ | ୨୦ | ୬୫୦୦/- |
| ୩ | ଅମିନ | ୧୭ | ୬୫୦୦/- |

ଯୋଗ୍ୟ ପ୍ରାର୍ଥୀ ପେନସନ ପେମେଣ୍ଟ ଅର୍ଡର / ପ୍ରୋଭିଜନାଲ ପେନସନ ଅର୍ଡର, ତଥା ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ଅବସରକାଳୀନ ଆଦେଶର ପ୍ରାମାଣିକ ପତ୍ରର ସ୍ୱସ୍ୱାକ୍ଷରିତ ଅବିକଳ ନକଲ ସହିତ ୨ ଗୋଟି ପାସପୋର୍ଟ ସାଇଜ ଫୋଟୋଗ୍ରାଫ ଆବେଦନ ଫର୍ମରେ ସଂଲଗ୍ନ କରି ତା:୩୦.୧୦.୨୦୧୯ ରିଖ ୫ ଟା, ସୁଦ୍ଧା (ସରକାରୀ ଛୁଟିଦିନ ବ୍ୟତୀତ) ଜିଲ୍ଲା କାର୍ଯ୍ୟାଳୟ (ସଂସ୍ଥା ଉପବିଭାଗ), ସୁନ୍ଦରଗଡ଼, ପିନ- ୭୭୦୦୦୧ ଠିକଣାରେ କେବଳ Regd. Post/ Speed Post ଜରିଆରେ ପଠାଇ ପାରିବେ । ଏନଭେଲପ ଉପରେ ଆବେଦନ କରିଥିବା ପଦବୀର ନାମ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ଜରୁରୀ ଅଟେ । ଆବଶ୍ୟକୀୟ ପ୍ରମାଣପତ୍ର, ଅସମ୍ପୂର୍ଣ ଆବେଦନ ପତ୍ର, Regd. Post/ Speed Post ବ୍ୟତୀତ ଅନ୍ୟ ମଧମରେ କିମ୍ବା ଧାର୍ଯ ତାରିଖ ପରେ କୌଣସି ଆବେଦନ ପତ୍ର ବିଚାରକୁ ନିଆଯିବ ନାହିଁ । ଉପରୋକ୍ତ ବିଜ୍ଞାପନକୁ କର୍ତୃପକ୍ଷ ଇଚ୍ଛାକଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ ।

❖ ଆବେଦନ ପତ୍ର www.sundergarh.nic.in ରେ ଉପଲବ୍ଧ ଅଟେ ।

ଜିଲ୍ଲାପାଳ, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା ୧୮୫୧, ତାରିଖ ୦୪.୧୦.୧୯

ଏହାର ଏକକିତ ନକଲ DIO , NIC , ସୁନ୍ଦରଗଡ଼ଙ୍କ ଅବଗତି ତଥା ଜିଲ୍ଲା ୱେବସାଇଟ www.sundergarh.nic.in ରେ ଉପରୋକ୍ତ ବିଜ୍ଞାପନର ପ୍ରକାଶନ ନିମନ୍ତେ ଜଣାଇ ଦିଆଗଲା ।

ଏହାର ଏକକିତ ନକଲ DI &PRO, ସୁନ୍ଦରଗଡ଼ଙ୍କ ଅବଗତି ତଥା, ଦୁଇ ଗୋଟି ଆଞ୍ଚଳିକ ସମ୍ବାଦ ପତ୍ରିକାରେ ପ୍ରକାଶନ ନିମନ୍ତେ ଜଣାଇ ଦିଆଗଲା ଏବଂ ପ୍ରକାଶନ ସମ୍ବଧୀୟ ଖର୍ଚବିବରଣୀ ଅତ୍ର କର୍ଯ୍ୟାଳୟରେ ଦାଖଲ କରିବା ନିମନ୍ତେ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ସୁନ୍ଦରଗଡ଼

# ଚୁକ୍ତି ଭିତ୍ତିକ ରାଜସ୍ୱ ନିରୀକ୍ଷକ ,ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନ ପଦବୀ ପୁନଃନିଯୁକ୍ତି ପାଇଁ ଆବେଦନ ପତ୍ର

ସ୍ୱସ୍ୱାକ୍ଷରିତ ପାସପୋର୍ଟ ସାଇଜ ଫୋଟୋଗ୍ରାଫ ସଂଲଗ୍ନ କରିବେ

ଆବେଦନ କରୁଥିବା ପଦବୀର ନାମ:.............................................

| | | | | | | |
|---|---|---|---|---|---|---|
| ୧ | ଆବେଦନକାରୀଙ୍କ ନାମ | | | | | |
| ୨ | ପିତାଙ୍କ ନାମ | | | | | |
| ୩ | ଜନ୍ମ ତାରିଖ | | | | | |
| ୪ | ଜାତି | | ଧର୍ମ | | ଜାତୀୟତା | |
| ୫ | ସ୍ଥାୟୀ ଠିକଣା | | | | | |
| ୬ | ବର୍ତ୍ତମାନ ଠିକଣା | | | | | |
| ୭ | ସେବାରୁ ନିବୃତ ହୋଇଥିବା ଆଦେଶ ସଂଖ୍ୟା / ତାରିଖ | | | | | |
| ୮ | ସେବାରୁ ନିବୃତ ହୋଇଥିବା ପଦବୀ | | | | | |
| ୯ | ପେନସନ / ପ୍ରୋଭିଜନାଲ ପେନସନ ଧାରୀଙ୍କ ଅର୍ଡର ନମ୍ବର ଓ ତାରିଖ (ଅବିକଳ ନକଲ ସଂଲଗ୍ନ କରିବେ) | | | | | |
| ୧୦ | ଆବେଦନକାରୀଙ୍କ ସ୍ୱାସ୍ଥ୍ୟଗତ ଘୋଷଣା ନାମା | | | | | |
| ୧୧ | ବିଗତ ୫ ବର୍ଷ ମଧ୍ୟରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧିନ ନ ଥିବା ସକାଶେ ଘୋଷଣା ନାମା | | | | | |

ମୁ ଶ୍ରୀ / ଶ୍ରୀମତୀ ..............................................., ସ୍ୱ ହୃଦୟତାର ସହିତ ଜଣାଉଅଛି ଯେ, ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ, ଏବଂ ପୁନଃ ନିଯୁକ୍ତି ପରେ ଯଦି କୌଣସି ତଥ୍ୟ ମିଥ୍ୟା ପ୍ରମାଣିତ ହୁଏ, ତେବେ ସରକାରଙ୍କ ନିୟମ ମୁତାବକ ଦଣ୍ଡିତ ହେବି ।

ସ୍ଥାନ:

ତା:

ଆବେଦନକାରୀଙ୍କ ସ୍ୱାକ୍ଷର